## ଘର ଉଚ୍ଛେଦ ପରେ ଥଇଥାନ କଲେନି କର୍ତ୍ତୃପକ୍ଷ

# ସିଏମ୍‌ସି କମିଶନରଙ୍କୁ ଭେଟିଲେ ହିତାଧିକାରୀ

**କଟକ,୨୯।୬/ଏନ୍‌ଏନ୍‌ଏସ୍‌:** କଟକ ମହାନଗର ନିଗମ ଅନ୍ତର୍ଗତ ୩୫ ନମ୍ବର ୱାର୍ଡ଼ର ଜଣେ ହିତାଧିକାରୀ ସରକାରୀ ସହାୟତାରୁ ବଞ୍ଚିତ ହୋଇଥିବା ସିଏମ୍‌ସି କମିଶନରଙ୍କୁ ଅଭିଯୋଗ କରିଛନ୍ତି। ଏପରିକି ତାଙ୍କୁ ବାସହୀନ କରାଯାଇଥିଲେ ମଧ୍ୟ ବାସଗୃହ ଯୋଗାଇ ଦିଆଯାଇ ନଥିବାରୁ ସେ ଅତି ଦୟନୀୟ ଅବସ୍ଥାରେ କାଳାତିପାତ କରୁଥିବା ଜଣାପଡ଼ିଛି। ସମ୍ପୃକ୍ତ ବ୍ୟକ୍ତି ଜଣକ ଗତ ମାର୍ଚ୍ଚ ୧୬ତାରିଖରୁ ଅଭିଯୋଗ କରିଥିଲେ ମଧ୍ୟ କୌଣସି ସୁଫଳ ମିଳିନଥିବା ଯୋଗୁଁ ଆଜି ପର୍ଯ୍ୟନ୍ତ ସେ ସିଏମ୍‌ସି କାର୍ଯ୍ୟାଳୟକୁ ଦୌଡ଼ି ଦୌଡ଼ି ନିରାଶ ହୋଇଛନ୍ତି।

ସୂଚନା ଅନୁଯାୟୀ, ରାଣୀହାଟ କେନାଲ ରୋଡ଼ ଜୟ ମଙ୍ଗଳାବସ୍ତିର ବ୍ରଜବନ୍ଧୁ ସାହୁ ଦୀର୍ଘ ୩୦ବର୍ଷ ଧରି ସେଠାରେ ଝୁମ୍ପୁଡ଼ି ଘରଟିଏ କରି ପରିବାର ସହ ରହିଆସୁଥିଲେ। ଗତ କିଛିଦିନ ତଳେ ବଡ଼ ମେଡ଼ିକାଲର ଉନ୍ନତିକରଣ ନିମନ୍ତେ ବସ୍ତି ଉଚ୍ଛେଦ କରାଯିବା ପାଇଁ ସରକାରୀସ୍ତରରେ ଘୋଷଣା କରାଗଲା। ପ୍ରଶାସନ ପକ୍ଷରୁ ବସ୍ତିବାସିନ୍ଦାଙ୍କୁ ଥଇଥାନ ନିମନ୍ତେ ଜଗତପୁର ଠାରେ ରହିବାପାଇଁ ଜମି ମଧ୍ୟ ଯୋଗାଇ ଦିଆଗଲା। ମାତ୍ର ଶ୍ରୀ ସାହୁଙ୍କ ଖୋପଡ଼ି ଘର ଟିକୁ ଭାଙ୍ଗି ଦିଆଯାଇଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ଥଇଥାନ ପାଇଁ କୌଣସି ବ୍ୟବସ୍ଥା କରାଯାଇନଥିବାରୁ ସେ ସିଏମ୍‌ସି ଅଧିକାରୀଙ୍କୁ ବାରମ୍ବାର ନେହୁରା ହେଉଛନ୍ତି। ତେବେ ଏ ନେଇ ତଦନ୍ତ କରାଯାଇ ତାଙ୍କ ନାମକୁ ତାଲିକାଭୁକ୍ତ କରିବା କ୍ଷେତ୍ରରେ ବିଭାଗୀୟ ଅଧିକାରୀଙ୍କ ଟାଳଟୁଳ ନୀତି ଯୋଗୁଁ ସେ ଆଜି ବାସହରା ହୋଇ ମୁକ୍ତ ଆକାଶ ତଳେ କାଳାତିପାତ କରୁଛନ୍ତି। ସିଏମ୍‌ସି କମିଶନରଙ୍କୁ ଏ ବିଷୟରେ ସେ ମାର୍ଚ୍ଚ ୧୬ ତାରିଖ ଅବଗତ କରିଥିବାବେଳେ ପତ୍ର ସଂଖ୍ୟା ୨୩୮୫ରେ ତାହା ଗ୍ରହଣ କରାଯାଇଛି। ମାତ୍ର ଦୀର୍ଘ ଦିନ ଧରି ସିଏମ୍‌ସି କର୍ତ୍ତୃପକ୍ଷ କୌଣସି ପଦକ୍ଷେପ ନେଇନଥିବାରୁ ସେ ବର୍ଷା, ଖରାରେ ପଡ଼ି ରହିଥିବା ଶ୍ରୀ ସାହୁ କୋହ ଭରା କଣ୍ଠରେ ପ୍ରକାଶ କରିଛନ୍ତି।